# ପଶ୍ଚିମ ସମ୍ଭାଗସ୍ତରୀୟ ସାମୁହିକ କାର୍ଯ୍ୟାଶାଳା ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଧନୁପାଲି ଶିଶୁ ବିଦ୍ୟାମନ୍ଦିର ଠାରେ ତ୍ରିଦିବସୀୟ ପଶ୍ଚିମ ସମ୍ଭାଗ ସାମୁହିକ କାର୍ଯାଶାଳା ଉଦଘାଟିତ ହୋଇଯାଇଛି ।ପ୍ରଚାରକ ପଶ୍ଚିମ ସମ୍ଭାଗ ଶଙ୍କର ପ୍ରସାଦ ପଣ୍ଡା କାର୍ଯ୍ୟକ୍ରମର ଉଦଘାଟନ କରିବା ସହ ସମସ୍ତ ଆଚାର୍ଯ୍ୟଙ୍କ ପାଇଁ ପ୍ରଶିକ୍ଷଣ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ । ସ୍କୁଲ ପରିଚାଳନା କମିଟି ସଭାପତି ଡ଼. ଦେବେନ୍ଦ୍ର ପଣ୍ଡା ଯୋଗ ଦେଇ ଶିକ୍ଷାର ପରିସମାପ୍ତି ନାହିଁ ବୋଲି କହିଥିଲେ । ପଶ୍ଚିମ ସମ୍ଭାଗ ସଂଯୋଜକ ଜ୍ୟୋତି ରଞ୍ଜନ ମିଶ୍ର କାର୍ଯ୍ୟକ୍ରମର ସମ୍ପର୍କରେ କହିଥିଲେ। ପଶ୍ଚିମ ସମ୍ଭାଗ ସହ ସଂଯୋଜକ ଜୟ କିଶୋର ପଣ୍ଡା ଓ ସଙ୍କୁଳ ପ୍ରମୁଖ ପ୍ରମୋଦ ପାଢ଼ୀ ମଞ୍ଚାସୀନ ଥିଲେ । ସ୍କୁଲ ପ୍ରଧାନ ଆଚାର୍ଯ୍ୟ ବିଭୁ ପ୍ରସାଦ ମହାପାତ୍ର ଅତିଥିଙ୍କ ପରିଚୟ ସହ କାର୍ଯ୍ୟକ୍ରମର ରୂପରେଖ ବିଷୟରେ ଅବଗତ କରିଥିଲେ । ଏଥିରେ ଦୁଇ ଶହରୁ ଅଧିକ ଗୁରୁଜୀ ଗୁରୁମା ଅଂଶ ଗ୍ରହଣ କରିଛନ୍ତି ।

## ହଳଧର–ସୃଜନ ଆର୍ ଦର୍ସନ–ହଳଧର ନାଗ ଜାତୀୟ ସମ୍ମାନ ଉଦ୍‌ଘାଟିତ

# ସାହିତ୍ୟ ବ୍ୟକ୍ତିକୁ ସକ୍ରିୟ କରିବାର ମାଧ୍ୟମ ହୋଇଥାଏ : ଧର୍ମେନ୍ଦ୍ର

ବରଗଡ଼,(ସବ୍ୟୁ): ସାହିତ୍ୟ ବ୍ୟକ୍ତିକୁ ସକ୍ରିୟ କରିବାର ମାଧ୍ୟମ, ମୌଳିକ କ୍ଷମତାକୁ ବୃଦ୍ଧି କରିବାସହ ଦକ୍ଷତା ବୃଦ୍ଧି କରିବାରେ ସହାୟକ ହୋଇଥାଏ ବୋଲି ଶନିବାର ବରଗଡ଼ କ୍ରୀଷ୍ଣା ବିକାଶ ସ୍କୁଲ ସମ୍ମିଳନୀ କକ୍ଷରେ ଆୟୋଜିତ 'ହଳଧର – ସୃଜନ ଆର୍ ଦର୍ସନ – ହଳଧର ନାଗ ଜାତୀୟ ସମ୍ମାନ' ର ଉଦଘାଟନ କରି କହିଛନ୍ତି କେନ୍ଦ୍ର ସରକାରଙ୍କ ଉଚ୍ଚ ଶିକ୍ଷା ଓ ଉଦ୍ୟମିତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସମ୍ମାନ କମିଟି ତଥା କ୍ରୀଷ୍ଣା ବିକାଶ ଗ୍ରୁପ ର ଅଧ୍ୟକ୍ଷ ଡି.ମୁରଲୀ କ୍ରିଷ୍ଣାଙ୍କ ସଭାପତିତ୍ୱ ଓ ଅଭିମନ୍ୟୁ ସାହିତ୍ୟ ସଂସଦର ସଭାପତି ତଥା ସମ୍ମାନ ଆୟୋଜନ କମିଟି ସଂଯୋଜକ ଅଧ୍ୟାପକ ସୁଶାନ୍ତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍ଘାଟନୀ ଉତ୍ସବରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ସାହିତ୍ୟ ଅଜୟ , ଅମର ଓ ଚିରସ୍ଥାୟୀ ଅଟେ । ଭାଷା ଓ ସାହିତ୍ୟ ଜଣେ ବ୍ୟକ୍ତିର ଅନ୍ତର୍ନିହିତ ଗୁଣକୁ ବିକଶିତ କରିଥାଏ । ଶ୍ରୀ ପ୍ରଧାନ ଏହି ଅବସରରେ ହଳଧର ନାଗଙ୍କ ସାହିତ୍ୟ ସୃଷ୍ଟି କେବଳ ସମ୍ବଲପୁରୀ – କୋଶଳୀ ଭାଷାକୁ ଋଦ୍ଧିମନ୍ତ କରିଛି ତାହା ନୁହଁ ସମଗ୍ର ଓଡ଼ିଶାର ସାହିତ୍ୟକୁ ଏକ ନୂଆ ଦିଗନ୍ତ ଦେଇଛି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଥିଲେ ଯେ ଲୋକ କବିରତ୍ନ, ଯାଦବ ରତ୍ନ ଆଦି ଅନେକ ସମ୍ମାନରେ ଭୂଷିତ ପଦ୍ମଶ୍ରୀ ଡ.ହଳଧର ନାଗ ହେଉଛନ୍ତି ଭାରତର ଜଣେ ଉଜ୍ଜ୍ୱଳ ରତ୍ନ । ଆମ ଅଞ୍ଚଳର ଅସ୍ମିତା, ଅଭିବ୍ୟକ୍ତି ଓ ଆବେଗର ଅନ୍ୟତମ ବାର୍ତ୍ତାବହ । ସମ୍ବଲପୁରୀ ଭାଷାକୁ ସୁସମୃଦ୍ଧ କରିବାରେ ତାଙ୍କର ଅବଦାନ ଅତୁଳନୀୟ । ତାଙ୍କ ସାହିତ୍ୟକୁ ନେଇ ଦୁଇଦିନ ଧରି ଆୟୋଜିତ ହେଉଥିବା ଏହି ବହୁଭାଷୀ ଜାତୀୟ ସମ୍ମାନରେ ଓଡ଼ିଶା ତଥା ଓଡ଼ିଶା ବାହାରର ଅନେକ ଗବେଷକ ଯୋଗ ଦେବା ପ୍ରଶଂସନୀୟ। ଏହା ସମ୍ବଲପୁରୀ ଭାଷାକୁ ସର୍ବଭାରତୀୟ ସ୍ତରରେ ପରିଚିତ କରିବାରେ ବିଶେଷ ସହାୟକ ହେବ ବୋଲି ମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ।

ଅନ୍ୟତମ ଅତିଥି ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସଂସ୍କୃତି , କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ବୌଦ୍ଧିକ ତରଙ୍ଗକୁ ନିରନ୍ତର ସଞ୍ଚାଳିତ କରି ନୂଆ ଆବେଗ ତିଆରି କରିବାର ନାଁ ହେଲା ସାହିତ୍ୟ । ସମସ୍ତେ ସାହିତ୍ୟିକ ହୋଇପାରନ୍ତି ନାହିଁ, କିନ୍ତୁ ସମସ୍ତଙ୍କ ମଧ୍ୟରେ ସାହିତ୍ୟ ଥାଏ ତଥା ସାହିତ୍ୟର ଆବଶ୍ୟକତା ରହିଥାଏ । କ୍ୱଚିତ ଲୋକମାନେ ସେହି ବିଚାର ଓ ଆବେଗକୁ ଲୋକ ଭାଷା ବା ମାତୃଭାଷାରେ ପରିପ୍ରକାଶ କରିବାର କ୍ଷମତା ରଖିଥାନ୍ତି । ସେହିଭଳି ଜଣେ ବ୍ୟକ୍ତିବିଶେଷ ହେଉଛନ୍ତି ହଳଧର ନାଗ । ତାଙ୍କର ସାହିତ୍ୟ ରଚନାରେ ଥିବା ଦର୍ଶନ, ତତ୍ତ୍ୱ ର ପଟାନ୍ତର ନାହିଁ । ତାଙ୍କର ଲେଖନୀ ଚାଳନା ଆହୁରି ପ୍ରଶଂସିତ ହେଉ, ଏହା ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ମା' ସମଲେଶ୍ୱରୀଙ୍କ ପାଖରେ ମୋର ପ୍ରାର୍ଥନା ବୋଲି କହିଥିଲେ। ସଭାକୁ ଉଦବୋଧନ ଦେଇ ଲୋକକବି ରତ୍ନ ପଦ୍ମଶ୍ରୀ ହଳଧର ନାଗ କହିଥିଲେ ଯେ ସମୟ ଥିଲା ସମ୍ବଲପୁରୀ – କୋଶଳି ଭାଷାକୁ ପତିତ ବା ଭେସଡିଆ ଭାଷା ବୋଲି କହୁଥିଲେ । ମୁଁ ଓଡ଼ିଆ ଭାଷାରେ ଲେଖି ବା କହି ଜାଣେ ନାହିଁ । କିନ୍ତୁ ମୁଁ ମୋର ଲେଖାକୁ ମୋର ସମ୍ବଲପୁରୀ – କୋଶଲି ଭାଷାରେ ଲେଖା ଜାରି ରଖିଥିଲି ଓ ଆଜି ସମସ୍ତେ ଆମର ଭାଷାକୁ ଗୁରୁତ୍ୱ ଦେଉଛନ୍ତି। ସେ କହିଥିଲେ ଯେ ଜାତି ଭିନ୍ନ ଭିନ୍ନ ମଣିଷର ଆଦର୍ଶ ଗୋଟିଏ , ସେହିପରି ଭାଷା ଭିନ୍ନ ଭିନ୍ନ ଅଟେ କିନ୍ତୁ ସାହିତ୍ୟ ଗୋଟିଏ । ସେ ଏହି ଅବସରରେ ମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ପାଖରେ କେନ୍ଦ୍ର ସରକାର ଯଥାଶୀଘ୍ର ସମ୍ବଲପୁରୀ – କୋଶଲି ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସ୍ଥାନିତ କରିବାକୁ ଦାବୀ ରଖିଥିଲେ ।




ସାହିତ୍ୟ ଅନୁଷ୍ଠାନ ଅଭିମନ୍ୟୁ ସାହିତ୍ୟ ସଂସଦ, ଘେଁସ ଏବଂ କ୍ରିଷ୍ଣା ବିକାଶ ଶିକ୍ଷାନୁଷ୍ଠାନ, ବରଗଡ଼ର ଉଦ୍ୟମରେ ଆୟୋଜିତ ସମ୍ବଲପୁରୀ ଭାଷାର ପ୍ରଥିତଯଶା ଲୋକକବି ପଦ୍ମଶ୍ରୀ ହଳଧର ନାଗ ଓ ତାଙ୍କ ସାହିତ୍ୟ ସଂକ୍ରାନ୍ତରେ ଆୟୋଜିତ ଦ୍ୱି–ଦିବସୀୟ ଜାତୀୟ ସମ୍ମାନରେ ହଳଧର ନାଗଙ୍କ ଉପରେ ଲିଖିତ କିଛି ପୁସ୍ତକ, ଗ୍ରନ୍ଥାବଳୀ ଏବଂ ସଂକଳନକୁ କେନ୍ଦ୍ର ମନ୍ତ୍ରୀ ଉନ୍ମୋଚନ କରିଥିଲେ। ସ୍ୱାଗତ ଅଭିଭାଷଣ ସମ୍ମାନ ଆୟୋଜନ କମିଟି ର ଆବାହକ ତଥା ଅଭିମନ୍ୟୁ ସାହିତ୍ୟ ସଂସଦର ବରିଷ୍ଠ ସଦସ୍ୟ ଅଶୋକ ପୂଜାରୀ ରଖିଥିଲେ ।

ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ,ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ବିଧାୟକ ଇରାସିସ ଆଚାର୍ଯ୍ୟ, ବିଧାୟକ ନିହାର ରଞ୍ଜନ ମହାନନ୍ଦ,ବିଧାୟକ ସନତ ଗଡତିଆ,ବିଧାୟକ ଟଙ୍କଧର ତ୍ରିପାଠୀ, ଡ.ସମରେନ୍ଦ୍ର ପଣ୍ଡା ମଞ୍ଚାସୀନ ଥିଲେ।

# ଦେବଗଡରେ ଉନ୍ନୟନ କାର୍ଯ୍ୟକୁ ନେଇ ବିଜେପି–ବିଜେଡ଼ି ପରସ୍ପର ବିରୋଧୀ ବୟାନବାଜି

ଦେବଗଡ,(ସବ୍ୟୁ): ନୂତନ ରାଜ୍ୟ ସରକାର ଗଠନର ଏକ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ଦେବଗଡ ଜିଲ୍ଲାରେ ବିଜେପି ଓ ବିଜେଡ଼ି ମଧ୍ୟରେ ଉନ୍ନୟନ କାର୍ଯ୍ୟକୁ ନେଇ ପରସ୍ପର ବିରୋଧରେ ବୟାନବାଜୀ ଆରମ୍ଭ ହୋଇଛି। ଗତ ସାଧାରଣ ନିର୍ବାଚନରେ ଜିଲ୍ଲାର ଏକ ମାତ୍ର ଦେବଗଡ ବିଧାନସଭା ଆସନରୁ ବିଜେଡ଼ି ପ୍ରାର୍ଥୀ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଦେବଗଡ ଆସନ ସମ୍ବଲପୁର ଲୋକସଭା ଆସନ ମଧ୍ୟରେ ଆସୁଥିବା ବେଳେ ଏଠାରୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରତିନିଧିତ୍ୱ କରୁଛନ୍ତି। ଏଭଳି ସ୍ଥିତିରେ ବିଧାୟକ ବିଜେପି ବିରୋଧରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟରେ ବାଧା ସୃଷ୍ଟିର ଅଭିଯୋଗ ଆଣିଛନ୍ତି। ଅନ୍ୟ ପକ୍ଷରେ ବିଜେପି ପକ୍ଷରୁ ବିଧାୟକଙ୍କ ଅପାରଗତା ନେଇ ଆକ୍ଷେପ କରାଯାଇଛି। ଗତ ସାଧାରଣ ନିର୍ବାଚନ ପରେ ଇତି ମଧ୍ୟରେ ରାଜ୍ୟ ସରକାର ଗଠନର ଏକ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ରାଜ୍ୟ ସରକାର ତାଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ସଫଳତାର ଗାଥା ବର୍ଣ୍ଣନା କରୁଛନ୍ତି। ମାତ୍ର ଦେବଗଡ ଜିଲ୍ଲାର ଏକମାତ୍ର ଦେବଗଡ ବିଧାନସଭା ଆସନରୁ ନିର୍ବାଚିତ ବିଜେଡ଼ିର ବିଧାୟକ ଶ୍ରୀ ବିଶ୍ୱାଳ ଜିଲ୍ଲାର ଉନ୍ନୟନ କାର୍ଯ୍ୟରେ ବିଜେପି ବାଧା ସୃଷ୍ଟି କରୁଥିବା ଅଭିଯୋଗ ଆଣିଛନ୍ତି। ସେ ଦେବଗଡ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାର ଉନ୍ନୟନ କାର୍ଯ୍ୟର ଠିକା କାମ ସରକାରୀ ଦଳର କିଛି ନେତା ବିକ୍ରି କରୁଥିବା ଅଭିଯୋଗ ଆଣିଛନ୍ତି। ସେହିଭଳି ବେକାରୀ ସମସ୍ୟାକୁ ନେଇ ସେ ଉଦବେଗ ପ୍ରକାଶ କରିବା ସହ ଚାକିରୀ ପାଇଁ ଅର୍ଥ କାରବାର ହେଉଥିବା ଅଭିଯୋଗ କରିଛନ୍ତି। ବାଲି ମାଫିଆଙ୍କ କବଳରେ ଜିଲ୍ଲାର ସମସ୍ତ ସୟରାତ ରହିଥିବା ଓ ଏଥିରେ ଶାସକ ଦଳ ର ନେତା କର୍ମୀ ଙ୍କ ହାତ ଥିବା ସେ ଅଭିଯୋଗ ଆଣିଛନ୍ତି। ବିଜେଡ଼ି ଜିଲ୍ଲା କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସେ ଏଭଳି ଅଭିଯୋଗ ଆଣିଥିଲେ ।

ଅନ୍ୟ ପକ୍ଷରେ ବିଧାୟକଙ୍କ ଏଭଳି ଅଭିଯୋଗକୁ ଜିଲ୍ଲା ବିଜେପି ପକ୍ଷରୁ ଖାରଜ କରାଯାଇଛି। ବିଧାୟକ ନିଜର ଅପାରଗତାକୁ ଲୁଚାଇବା ପାଇଁ ଏଭଳି କପୋଳକଳ୍ପିତ ଅଭିଯୋଗ କରୁଛନ୍ତି ବୋଲି ସରକାରୀ ଦଳ ପକ୍ଷରୁ କୁହାଯାଇଛି। ଜିଲ୍ଲାର ଉନ୍ନୟନ କାର୍ଯ୍ୟରେ ବିଧାୟକ ବାଧା ସୃଷ୍ଟି କରୁଥିବା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି। ଦେବଗଡ ଜିଲ୍ଲାର ଉନ୍ନତି ପାଇଁ ନୂତନ ରାଜ୍ୟ ସରକାର ଯଥେଷ୍ଟ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ସମସ୍ତ ଉନ୍ନୟନ କାର୍ଯ୍ୟ ସ୍ୱଚ୍ଛତାର ସହ କରାଯାଉଛି ବୋଲି ଦଳ ପକ୍ଷରୁ ପ୍ରକାଶ କରାଯାଇଛି। ଏନେଇ ବିଜେପି ଜିଲ୍ଲା କାର୍ଯ୍ୟାଳୟଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଜିଲ୍ଲା ସଭାପତି ଅରୁଣ କୁମାର ସାହୁ, ପୂର୍ବତନ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ, ସାଂସଦଙ୍କ ପ୍ରତିନିଧି ଯୋଗେଶ କୁମାର ପ୍ରଧାନ ଦଳ ପକ୍ଷରୁ ସୂଚନା ଦେଇଛନ୍ତି। ଶିଳ୍ପ ବିହୀନ ଦେବଗଡ ଜିଲ୍ଲାର ସମସ୍ୟାର ସମାଧାନ ପାଇଁ ବିଭିନ ସମୟରେ ଜନସାଧାରଣ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥାନ୍ତି। ଏଭଳି କ୍ଷେତ୍ରରେ ଜିଲ୍ଲାର ଉନ୍ନୟନକୁ ନେଇ ବିଜେପି – ବିଜେଡି ମଧ୍ୟରେ ଆରୋପ ପ୍ରତ୍ୟାରୋପ ଆଗାମୀ ଦିନରେ କେଉଁ ରୁପ ଧାରଣ କରୁଛି ତା ଉପରେ ସମସ୍ତଙ୍କ ନଜର ରହିଛି।

# ବିକ୍ରମ ଦେବ ବର୍ମାଙ୍କ ୧୫୭ତମ ଜୟନ୍ତୀ ପାଳିତ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମାସ୍ଥିତ ଭୈରବ ଡିଗ୍ରୀ ମହାବିଦ୍ୟାଳୟରେ ରାଜର୍ଷି ବିକ୍ରମ ଦେବ ବର୍ମାଙ୍କ ୧୫୭ତମ ଜୟନ୍ତୀ ସମାରୋହ ପାଳିତ ହୋଇଯାଇଛି। ବିକ୍ରମ ଦେବଙ୍କ ଜୀବନ,ସାରସ୍ୱତ ସାଧନା ଓ ସ୍ୱତନ୍ତ୍ର ଉତ୍କଳ ଗଠନରେ ଥିବା ତାଙ୍କର ଭୂମିକା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ସୌମେନ୍ଦ୍ର କୁମାର ସ୍ୱାଇଁ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଶତାଧିକ ଛାତ୍ରଛାତ୍ରୀ ମାନଙ୍କ ସହ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇ ଥିଲେ। ଏହି ଅବସରରେ ବିଇଡିଟିର ସଭାପତି ରାମଚନ୍ଦ୍ର ପାଢ଼ୀ, ପରିଚାଳନା କମିଟିର ସଭାପତି କେ. ନାଗରାଜ ଦୋରା, ଯୁଗ୍ମ ସମ୍ପାଦକ ସୁବାସ ନାୟକ,ଶିକ୍ଷାବିତ ସୁରେଶ ରାଉତ ଓ ପ୍ରସନ୍ନ ସାହୁ ପ୍ରମୁଖ ଯୋଗଦେଇ ବିକ୍ରମ ଦେବଙ୍କ ଜୀବନୀ, ସାହିତ୍ୟ ସାଧନା, ଉତ୍କଳ ସ୍ୱତନ୍ତ୍ର ପ୍ରଦେଶ ଗଠନ ଓ ସେଥିରେ ଜୟପୁର ରାଜା ବିକ୍ରମ ଦେବଙ୍କ ଅବଦାନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ଡ ସୁଧାଂଶୁ ଶେଖର ପଟ୍ଟନାୟକ ଯୋଗଦେଇ ବିକ୍ରମ ଦେବଙ୍କ ସଙ୍ଘର୍ଷ ପୂର୍ଣ୍ଣ ଜୀବନୀ ସହ ତାଙ୍କ ଅବଦାନରେ ଗଢି ଉଠିଥିବା ବିଭିନ୍ନ ଶିକ୍ଷାଅନୁଷ୍ଠାନରେ ଥିବା ତାଙ୍କ ଭୂମିକା ସମ୍ପର୍କରେ ବିଷଦ ଆଲୋଚନା କରିଥିବା ବେଳେ ସମ୍ମାନିତ ବକ୍ତା ଭାବେ ଅବସରପ୍ରାପ୍ତ ଶିକ୍ଷକ ରଜତ ଷଡଙ୍ଗୀ ଯୋଗଦେଇ ତାଙ୍କ ସାହିତ୍ୟ ସାଧନା ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ଼କ୍ଟର ସଦାଶିବ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସନ୍ତୋଷିନୀ ପାଢ଼ୀ,ଜଗଦୀଶ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ପଣ୍ଡା, ଗଣେଶ ପଲେଇ, ଅଭିଷେକ ରାଉତ, ପି.ଗୁପ୍ତେଶ୍ୱର ରାଓ, ଲକ୍ଷ୍ମୀ ପଣ୍ଡା ଓ ବନମାଳୀ ଜାନୀ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ମାଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ମାସ ପାଳିତ

ଭବାନୀପାଟଣା,(ସବ୍ୟୁ): ଭବାନୀପାଟଣା ସ୍ଥିତ ଜିଲ୍ଲାପାଳଙ୍କ ଆବାସିକ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ମ୍ୟାଲେରିଆ,ଡେଙ୍ଗୁ,ଡାଇରିଆ ନିରାକରଣ ମାସ ପାଳନ ଓ ଅନ୍ତ ବିଭାଗୀୟ ଏକାଭିମୁଖୀ ବୈଠକ ଜିଲାପାଳ ପାଓ୍ୱାର ସଚିନ ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଡେଙ୍ଗୁ ,ମ୍ୟାଲେରିଆ ଜ୍ୱର ଲକ୍ଷଣ,ପ୍ରତିକାର ଏବଂ ପ୍ରତିରୋଧ ବ୍ୟବସ୍ଥା ତଥା ବିଭିନ୍ନ ବିଭାଗର ଦାୟୀତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା । ଡେଙ୍ଗୁ ଓ ମ୍ୟାଲେରିଆ ରୋଗର ନିୟନ୍ତ୍ରଣ କରିବା ପାଇଁ ମଶାରୀ ବ୍ୟବହାର, ପରିବେଶ ସଫାସୁତୁରା ରଖିବା , ଜର ହେଲା ମାତ୍ରେ ନିକଟରେ ଥିବା ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯିବା ଉପରେ ସଚେତନତା କରିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଜିଲାର ସମସ୍ତ ଆବାସିକ ବିଦ୍ୟାଳୟ ତଥା ଶିକ୍ଷା ଅନୁଷ୍ଠାନର ପରିସର ପରିଷ୍କାର ପରି ଛନ୍ନତା ଓ ଛାତ୍ରୀ ଛାତ୍ରଙ୍କୁ ସଚେତନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ମୁଖ୍ୟ ଓ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିଜ ବିଭାଗର ଦାୟୀତ୍ୱ ଠିକ ଭାବରେ ଅନୁପାଳନ କରିବା ପାଇଁ ସୁଚାଇଥିଲେ । ମଶା ବାହିତ ରୋଗର ନିୟନ୍ତ୍ରଣ ପାଇଁ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଡେଙ୍ଗୁ ନିରାକରଣ କାର୍ଯକ୍ରମ ଜିଲାରେ ଆସନ୍ତା ଜୁଲାଇ ୧ରୁ ୩୦ ଜୁଲାଇ ପର୍ଯନ୍ତ ଚାଲୁ ରହିବ। କାର୍ଯ୍ୟକ୍ରମକୁ ସହରାଞ୍ଚଳରେ ତଥା ଗ୍ରାମାଞ୍ଚଳରେ ବ୍ୟାପକ ସଚେତନତା କରାଯିବା ସହ ଏଥିରେ ଆଶା କର୍ମୀ ଓ ଅଙ୍ଗନୱାଡି ମାନେ ଘରକୁ ଘର ଯାଇ ସଚେତନତା ପତ୍ରିକା ବଣ୍ଟନ ସହ ଡେଙ୍ଗୁ ,ମେଲେରିଆ ଜ୍ୱର ସମ୍ପର୍କରେ ବ୍ୟାପକ ସଚେତନତା କରିବେ । ଏହି କାର୍ଯକ୍ରମର ସଫଳ ରୂପାୟନ ନିମନ୍ତେ ଏକ ଖସଡା ପ୍ରସ୍ତୁତି ପାଇଁ ଜିଲ୍ଲାପାଳ ପ୍ରତ୍ୟେକ ବିଭାଗୀୟ କର୍ମଚାରୀଙ୍କୁ ଆଦେଶ ପ୍ରଦାନ କରିଥିଲେ। ସହରରେ ପ୍ରତେକ ୱାର୍ଡରେ ନାଳ ଗୁଡିକୁ ସଫାରଖିବା ଓ ଭବାନୀପାଟଣା ପୌରପାଳିକା ତଥା ଜୁନାଗଡ଼, ଧର୍ମଗଡ଼ ଓ କେସିଙ୍ଗା ବିଜ୍ଞାପିତ ଅଞ୍ଚଳ ପରିଷଦକୁ ଆବର୍ଜନା ମୁକ୍ତ ରଖିବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କିଶୋର ପୃଷ୍ଟି ଜିଲାକୁ ମ୍ୟାଲେରିଆ, ଡେଙ୍ଗୁ ଓ ଡାଇରିଆ ମୁକ୍ତ କରିବାପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ବୈଠକରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଜିଲ୍ଲା ଶିକ୍ଷାଅଧିକାରୀ ରାଧାକାନ୍ତ ଛତ୍ରି,ଏଡିପିଏଚଓ ଡାକ୍ତର ନିହାରେନ୍ଦ୍ର ପଣ୍ଡା,ଡିପିଏଚଓ ଡାକ୍ତର ରାକେଶ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଜିଲା କାର୍ଯ୍ୟକ୍ରମ ପରିଚାଳକ ଦିଲ୍ଲୀପ ଦୁବେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଞ୍ଜେଇ ଜବତ, ଜଣେ ଗିରଫ

ରେଢ଼ାଖୋଲ,(ସବ୍ୟୁ): ସମ୍ବଲପୁର ଜିଲ୍ଲା ବୌଦ୍ଧ – ରେଢ଼ାଖୋଲ ଜାତୀୟ ରାଜପଥର ରେଢ଼ାଖୋଲ ହାତୀବାହାଳ ଛକ ନିକଟରୁ ଶନିବାର ପୂର୍ବାହ୍ନରେ ୨୨ କେଜି ଗଞ୍ଜେଇ ଜବତ କରିଛି । ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି ରେଢ଼ାଖୋଲ ଅବକାରୀ ବିଭାଗ । ଗିରଫ ଅଭିଯୁକ୍ତ ଜଣଙ୍କ ହେଲେ ବିହାର ରାଜ୍ୟର ଭଗବାନ ଚୌଧୁରୀ । ପ୍ରକାଶ ଯେ ଜଣେ ବ୍ୟକ୍ତି ଗଂଜେଇ ଧରି ହାତୀ ବାହାଳ ଛକରେ ବସକୁ ଅପେକ୍ଷା କରିଥିବା ଅବକାରୀ ବିଭାଗ ଖବର ପାଇଥିଲା । ହାତୀବାହାଲ ଛକକୁଯାଇ ଅବକାରୀ ବିଭାଗ ଏକ ବସ୍ତାରେ ୨୨ କେଜି ଗଞ୍ଜେଇ ଧରି ବସ୍‌କୁ ଅପେକ୍ଷା କରିଥିବା ସେହି ବ୍ୟକ୍ତିକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣା ପଡିଛି ।

# ପଲସଦା ହାଇସ୍କୁଲର ନୂତନ ସ୍କୁଲ ପରିଚାଳନା କମିଟି ଗଠିତ



ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ପାଇକମାଳ ବ୍ଲକ ପଲସଦା ହାଇସ୍କୁଲ ପଲସଦା ଠାରେ ପ୍ରଧାନ ଶିକ୍ଷକ ଯତୀନ୍ଦ୍ର ଦୀପଙ୍କ ଅଧ୍ୟକ୍ଷତାରେ ଶିକ୍ଷକ ଓ ଅଭିଭାବକ ବୈଠକ ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ନୂତନ ସ୍କୁଲ ପରିଚାଳନା କମିଟି ଚୟନ କରାଯାଇଥିଲା । ପ୍ରଥମେ ୧୨ ଜଣ ସଦସ୍ୟ ଚୟନ କରାଯାଇଥିଲା । ମିଳନ ସିଂ ବରିହାଙ୍କୁ ସଭାପତି ଭାବରେ ଚୟନ କରାଯାଇଥିଲା । ଉପ ସଭାପତି ଭାବରେ ପୁଷ୍ପକାନ୍ତି ପଟେଲଙ୍କୁ ମନୋନୀତ କରିଥିଲେ । ପଲସଦା କ୍ଲଷ୍ଟର ସିଆରସିସି ନୂତନ ସଭାପତି ଓ ଉପସଭାପତି ଏବଂ ନୂତନ ସଦସ୍ୟ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ତାଙ୍କ ଦାୟିତ୍ୱ ସୁଚାରୁରୂପେ ପରିଚାଳନା କରିବାପାଇଁ ବୁଝାଇଥିଲେ। ପୂର୍ବତନ ସଭାପତିତି ମହେନ୍ଦ୍ର ସିଂ ବରିହା ନୂତନ ସଭାପତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ । ଶେଷରେ ହାଇସ୍କୁଲର ବରିଷ୍ଠ ଶିକ୍ଷକ ପଦ୍ମଲୋଚନ ପୋଢ଼ ଧନ୍ୟବାଦ୍ ଦେଇଥିଲେ ।

# ସ୍କୁଲରେ ଜ୍ଞାନ ଫଳକ ଉଦ୍‌ଘାଟିତ

ସୋନପୁର, (ସବ୍ୟୁ): ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଶବ୍ଦ ଭଣ୍ଡାର ବୃଦ୍ଧିପାଇଁ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ରୁଗୁଡ଼ିପାଲି ଠାରେ ବିଦ୍ୟାଳୟ କ୍ୟାବିନେଟର ମୁଖ୍ୟମନ୍ତ୍ରୀ ଚନ୍ଦନ ଜଗଦଲାଙ୍କ ପକ୍ଷରୁ ସ୍କୁଲର ଜ୍ଞାନ ଫଳକ ରୂପୀ ବୋର୍ଡ ଉଦ୍ଘାଟିତ ହୋଇ ଯାଇଛି। ଏହି ଫଳକରେ ପ୍ରତ୍ୟହ ଗୋଟିଏ ଶବ୍ଦକୁ ତିନିଗୋଟି ଭାଷା ଯଥା ଓଡ଼ିଆ ଇଂରାଜୀ ଓ ହିନ୍ଦୀରେ ଲେଖାଯିବ ଯାହାକୁ କି ଛାତ୍ରଛାତ୍ରୀମାନେ ସବୁଦିନ ନିଜ ନିଜ ଖାତାରେ ଲେଖିନେବା ସହ ପଢ଼ିବା ଦ୍ୱାରା ତାଙ୍କର ଶବ୍ଦ ଭଣ୍ଡାର ବୃଦ୍ଧି ହେବ। କାର୍ଯ୍ୟକ୍ରମରେ ଛାତ୍ର ସଂସଦର ସମସ୍ତ ସଦସ୍ୟ ସଦସ୍ୟା ଉପସ୍ଥିତ ଥିବା ସହ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲାଲଚାନ୍ଦ ରଣା ଗ୍ରାଜୁଏଟ୍ ଶିକ୍ଷକ ଦୋଳଗୋବିନ୍ଦ ପଣ୍ଡା ଶିକ୍ଷକ ବୀରେନ୍ଦ୍ର ବରିହା ଓ ମୁକେଶ ରଂଜନ ପ୍ରଧାନ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ସ୍କୁଲ ସ୍ୱାସ୍ଥ୍ୟ ଓ ପରିମଳ ମନ୍ତ୍ରୀ ମାନଭଞ୍ଜନ ମହାନନ୍ଦ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅଭିନବ କାର୍ଯ୍ୟକ୍ରମକୁ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ସଂଜୟ ବାଘ ପ୍ରସଂଶା କରିଥିଲେ।

# ଆନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ କାରବାର, ଅବୈଧ ଚାଲାଣ ବିରୋଧ ଦିବସ ପାଳିତ



ଭବାନୀପାଟଣା,(ସବ୍ୟୁ): ପ୍ରତିବର୍ଷ ଜୁନ ୨୬ ତାରିଖରେ ସମଗ୍ର ବିଶ୍ୱରେ ଅନ୍ତର୍ଜାତୀୟ ଅବୈଧ ନିଶା ଦ୍ରବ୍ୟ କାରବାର ବିରୋଧ ଦିବସ ପାଳନ କରାଯାଇ ନିଶା ନିବାରଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଚେଷ୍ଟା ଜାରି ରହିଛି। ନିଶାନିବାରଣ ନିମନ୍ତେ ରାଜ୍ୟ ସରକାର ଦିଶା ଯୋଜନା ମାଧ୍ୟମରେ ୧୧ ଟି ନିଶା ମୁକ୍ତ କେନ୍ଦ୍ର ପ୍ରତିଷ୍ଠା କରିଛନ୍ତି ଏବଂ ଭବିଷ୍ୟତରେ ସମସ୍ତ ୩୦ ଟି ଜିଲ୍ଲାରେ ସ୍ଥାପନ କରିବା ପାଇଁ ସରକାର ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । କଳାହାଣ୍ଡି ଜିଲ୍ଲାରେ ନିଶା ନିବାରଣ ନିମନ୍ତେ ନିଶା ନୁହେ ଜୀବନ ସମ୍ପର୍କରେ ଜନ ସଚେତନତା ସୃଷ୍ଟିକରିବା ପାଇଁ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗ ତରଫରୁ ଜିଲ୍ଲାର ସମସ୍ତ ବ୍ଲକରେ ନିଶା ନିବାରଣ ସଚେତନତା ରଥ ପରିକ୍ରମା କରିଥିଲା ଏଥି ସହିତ ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ନିଶା ନିବାରଣ ସମ୍ପର୍କରେ ଜନ ସଚେତନତା ସୃଷ୍ଟି କରାଯାଇଥିଲା । ନିଶା ନିବାରଣ ଦିବସ ଅବସରରେ ଜିଲ୍ଲାପାଳଙ୍କ କାର୍ଯାଳୟ ପରିସରରୁ ଟାଉନ ହଲ ପର୍ଯ୍ୟନ୍ତ ଏକ ସଚେତନତା ରାଲି ଅନୁଷ୍ଠିତ ହୋଇଥିଲା । ଅବକାରୀ ଅଧିକ୍ଷକ ରଞ୍ଜନ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ଟାଉନ ହଲ ଠାରେ ଏକ ସଭା ଓ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ, ସମ୍ମାନୀତ ଅତିଥି ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିରେନ୍ଦ୍ର କୁମାର କହଁର, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ରାମକୃଷ୍ଣ ଆଶ୍ରମର ସ୍ୱାମୀ ଅଶୋକା ନନ୍ଦ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ଯୋଗଦେଇ ନିଶା ସେବନର ଅପକାରିତା, ଏହାର ନିରାକରଣ ଓ ଏକ ସୁସ୍ଥ ଓ ନିଶା ମୁକ୍ତ ସମାଜ ଗଠନରେ ବିଶେଷକରୀ ଛାତ୍ରଛାତ୍ରୀ ଓ ଯୁବପିଢ଼ିଙ୍କ ପ୍ରମୁଖ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର, ଟ୍ରଫି ଓ ହେଲମେଟ ଅତିଥିମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ରୂପସିଂ ରାଉତ ପରିଚାଳନା କରିଥିଲେ । ଶେଷରେ ଶ୍ରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତରଙ୍କୁ ଜୀବନ ମାରି ଦେବାକୁ ଧମକ,ଜଣେ ଗିରଫ




ସମ୍ବଲପୁର,(ସବ୍ୟୁ): କାର୍ଯ୍ୟରତ ଡାକ୍ତରଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଜୀବନ ମାରି ଦେବାକୁ ଧମକ ଅଭିଯୋଗରେ ପୋଲିସ ଜଣେ ଯୁବକକୁ ଗିରଫ କରିଛି । ଗିରଫ ଯୁବକ ଜଣକ ଗୋବିନ୍ଦପୁର ହାଇସ୍କୁଲ ପଡ଼ାର ବିଜୟ ନାଏକ (୩୭) ବୋଲି ଜଣାପଡିଛି । ଗିରଫ ପରେ କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି । ସୂଚନାଯୋଗ୍ୟ,ପୁରାତନ ବାମରା ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅସାମାଜିକ ତତ୍ତ୍ୱଙ୍କ ଦୋରାତ୍ମ୍ୟ ବୃଦ୍ଧି ପାଇଛି। ଗତ ୨୧ତାରିଖ ଅପରାହ୍ନ ସାଢେ ୩ଟାରେ ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅଭିଯୁକ୍ତ ବିଜୟ ପଶି ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଗାଳି ଗୁଲଜ କରି ଧମକ ଦେଇଥିଲେ। କାର୍ଯ୍ୟରତ ଡାକ୍ତର ମାନେ ଏ ନେଇ କୌଣସି ଅଭିଯୋଗ କରି ନ ଥିଲେ। ମାତ୍ର ସେମାନେ ଛୁଟିରେ ଚାଲି ଯାଇଥିବା ବେଳେ ପୋଲିସ ପକ୍ଷରୁ ଏନେଇ ୯୧/୨୫ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ବିଜୟକୁ ଗିରଫ କରାଯାଇଛି । ଅନ୍ୟପଟେ କାର୍ଯ୍ୟରତ ଡାକ୍ତର ମାନେ ଛୁଟିରେ ଚାଲି ଯାଇଥିବା ବେଳେ ରୋଗୀସେବା ବ୍ୟାହତ ହୋଇଛି। ଫାର୍ମାସିଷ୍ଟ ମାନେ ରୋଗୀସେବା ବୁଝୁଛନ୍ତି । ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବାମରା ସମେତ ପଡୋଶୀ ଝାରସୁଗୁଡ଼ା ଓ ସୁନ୍ଦରଗଡ ଜିଲ୍ଲାର ବିଭିନ୍ନ ଗ୍ରାମରୁ ରୋଗୀସେବା ପାଇଁ ଲୋକେ ଆସିଥାନ୍ତି। ଏହି ଡାକ୍ତରଖାନାରେ ଗୋବିନ୍ଦପୁର ଥାନା ସମେତ ସୀମାବର୍ତ୍ତି ଥାନା ଓ ରେଳବାଇ ଥାନାରୁ ଶବ ବ୍ୟବଚ୍ଛେଦ ପାଇଁ ଆସିଥାଏ। ଗୋବିନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୨୦ ଜଣ ଡାକ୍ତରଙ୍କ ପାଇଁ ପଦବି ଥିବା ବେଳେ ବର୍ତ୍ତମାନ ୩ ଜଣ ଡାକ୍ତର ନିୟମିତ କାର୍ଯ୍ୟ ତୁଲାଉଥିଲେ। ୧୭ଟି ଡାକ୍ତର ପଦ ବହୁ ବର୍ଷରୁ ଖାଲି ପଡ଼ିଛି। ଏହି ୩ ଡାକ୍ତରଙ୍କ ମଧ୍ୟରୁ ଡାକ୍ତର ନାରାୟଣ ରାୟ ମେଡିକାଲ ଅଫିସର ସହ ବ୍ଲକ ମେଡିକାଲ ଅଧ୍ୟକ୍ଷ ଦାୟୀତ୍ୱ ତୁଲାଉଛନ୍ତି । ତେଣୁ ସେ ଅଧିକାଂଶ ସମୟ ସ୍ୱାସ୍ଥ୍ୟ ବିଭାଗର ବିଭିନ୍ନ ବୈଠକରେ ଯୋଗ ଦେଉଥିବାରୁ ରୋଗୀସେବା ପାଇଁ ସମୟ ଦେଇ ପାରୁ ନାହାଁନ୍ତି। ଅନ୍ୟ ୨ ଜଣ ଡାକ୍ତର ପ୍ରଭୁପାଦ ମିଶ୍ର ଓ ଦେବ କଲ୍ୟାଣ ସାହୁ ରୋଗୀ ସେବା ବୁଝୁଥିଲେ । ଏହି ଘଟଣା ପରେ ବାମରା ରୋଗୀ କଲ୍ୟାଣ ସମିତି ସଦସ୍ୟ ମାନେ ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦରଙ୍କୁ ଅବଗତ କରାଇବା ସହ ଗଭୀର ଉଦବେଗ ପ୍ରକାଶ କରିଥିଲେ। ଏ ନେଇ ବାମରା ତହସିଲଦାର ଦିଲୀପ କୁମାର ପ୍ରଧାନଙ୍କୁ ଘଟଣାର ଅନୁଧ୍ୟାନ କରି ବିହିତ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ପ୍ରଧାନ , ଗୋବିନ୍ଦପୁର ଥାନା ଅଧିକାରୀ ରାଜେନ୍ଦ୍ର ବେହେରା ,ସବ ଇନ୍ସପେକ୍ଟର ଦେବଜାନୀ ଛତରଙ୍କ ସହ ହସ୍ପିଟାଲକୁ ଯାଇ ଡାକ୍ତରଙ୍କ ସହ ଆଲୋଚନା କରିଥିଲେ। ତହସିଲଦାର ଓ ଥାନା ଅଧିକାରୀ ଆଲୋଚନା କରି ଫେରିବା ପରେ ଅଭିଯୁକ୍ତ ରାତିରେ ପୁଣି ଆଉଥରେ ଆସି ଡାକ୍ତର ମାନଙ୍କୁ ପୋଲିସରେ ଅଭିଯୋଗ କଲେ ଗମ୍ଭୀର ପରିଣାମ ପାଇଁ ପ୍ରସ୍ତୁତ ରହିବାକୁ ଧମକ ଚମକ ଦେଇଥିଲେ। ଏହି ଘଟଣାରେ ଭୟଭୀତ ହୋଇ ଡାକ୍ତର ଶ୍ରୀ ମିଶ୍ର ଏବଂ ଶ୍ରୀ ସାହୁ ଛୁଟିରେ ଚାଲି ଯାଇଛନ୍ତି।

## ଶ୍ରୀ ସିଦ୍ଧିବିନାୟକ ମନ୍ଦିର ପ୍ରତିଷ୍ଠା ଉତ୍ସବ
# ମା' ସମଲେଶ୍ୱରୀଙ୍କୁ ଲାଗି ହେଲା ପ୍ରଥମ ନିମନ୍ତ୍ରଣ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ପ୍ରେସ୍ କ୍ଲବ୍ ପରିସରରେ ଶ୍ରୀ ସିଦ୍ଧି ବିନାୟକଙ୍କ ନବନିର୍ମିତ ମନ୍ଦିର ଓ ବିଗ୍ରହର ପ୍ରତିଷ୍ଠା ଉତ୍ସବ ଆସନ୍ତା ୨୯ରୁ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରଥମ ନିମନ୍ତ୍ରଣ ପତ୍ର ମା ସମଲେଶ୍ୱରୀଙ୍କ ଠାରେ ସମର୍ପଣ କରାଯାଇଥିଲା । ଉତ୍ସବର ସଫଳତା ପାଇଁ କ୍ଲବ୍ କର୍ମକର୍ତ୍ତାମାନେ ମା'ଙ୍କ ଠାରେ ପ୍ରାର୍ଥନା କରିଥିଲେ ଏହାପରେ ମନ୍ଦିର ପରିସରସ୍ଥ ଭୈରୋବାବାଙ୍କ ମନ୍ଦିରରେ ନିମନ୍ତ୍ରଣ ପ୍ରଦାନ କରାଯାଇଥିଲା। ଗୋପାଳଜୀ ପରିସରରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କୁ ଉତ୍ସବର ନିମନ୍ତ୍ରଣପତ୍ର ଲାଗି ହୋଇଥିଲା। ଏହାପରେ ଅନ୍ୟାନ୍ୟ ଦେବାଦେବୀଙ୍କୁ ସିଦ୍ଧି ବିନାୟକଙ୍କ ପ୍ରତିଷ୍ଠା ଉତ୍ସବ ପାଇଁ ଦେବ ନିମନ୍ତ୍ରଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟସୂଚୀ ଅନୁଯାୟୀ, ଆସନ୍ତା ୨୯ ତାରିଖ ଦିନ ଶ୍ରୀ ସିଦ୍ଧି ବିନାୟକଙ୍କ ମନ୍ଦିରର ରନ୍ମୃଦ ଉତ୍ସବ, ୩୦ରେ ଅଙ୍କୁରାରୋପଣ, ୧ରେ ଅଧିବାସ, ୨ରେ କଳସ ଶୋଭାଯାତ୍ରା ପରେ ୪ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଓ ହୋମଯଜ୍ଞ ଚାଲିବ। ଜୁଲାଇ ୨ ରୁ ୪ ତାରିଖ ସନ୍ଧ୍ୟା ୭ ରୁ ୯ଟା ପର୍ଯ୍ୟନ୍ତ କଟକର ରାସବିହାରୀ ମଠର ସାଧୁ ନୀଳାଚଳ ଦାସ ଭାଗବତ ଉପରେ ପ୍ରବଚନ ଦେବେ ବୋଲି କ୍ଲବ ପକ୍ଷରୁ ଜଣାପଡ଼ିଛି ।

## ମୁରିବାହାଲ ରେଞ୍ଜକୁ ପୁଣି ପଶିଲେ ୪୭ ଟିକିଆ ହାତୀପଲ
# ଫସଲ ନଷ୍ଟ ନେଇ ଆତଙ୍କରେ ଚାଷୀ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ରେଞ୍ଜ ଅଞ୍ଚଳକୁ କିଛି ଦିନର ବ୍ୟବଧାନ ପରେ ପୁଣି ୪୭ଟିକିଆ ବିରାଟ ହାତୀପଲ ପଶି ଆସିଛନ୍ତି । ଚାଷବାସ ସମୟରେ ଏହି ବିରାଟ ହାତୀପଲକୁ ନେଇ ସମଗ୍ର ରେଞ୍ଜ ଅଞ୍ଚଳର ଚାଷୀକୁଳ ଫସଲ ନଷ୍ଟ ନେଇ ଆତଙ୍କରେ ଥିବା ଦେଖିବାକୁ ମିଳିଛି। ଦୁଇଦିନ ହେଲା ଏକ ୩୫ଟିକିଆ ହାତୀପଲ ଏହି ରେଞ୍ଜ ଡଙ୍ଗାବାଞ୍ଜି ଫରେଷ୍ଟ ବିଟର ଜଙ୍ଗଲ ଅଞ୍ଚଳରେ ଚଳପ୍ରଚଳ କରୁଥିବା ଦେଖିବାକୁ ମିଳିଛି। ସେହିପରି ଅନ୍ୟ ଏକ ଦଳରେ ଥିବା ୧୨ଟିକିଆ ହାତୀପଲ ଜଏଁତରା ଫରେଷ୍ଟ ବିଟର ଜଙ୍ଗଲ ଅଞ୍ଚଳରେ ଚଳପ୍ରଚଳ କରୁଛନ୍ତ।ଏହି ହାତୀପଲ ଟିଟିଲାଗଡ ରେଞ୍ଜ ଅଞ୍ଚଳରୁ ମୁରିବାହାଲ ରେଞ୍ଜ ଅଞ୍ଚଳକୁ ପଶି ଆସିଥିବା ଜଣାପଡିଛି।

ପୂର୍ବରୁ ଏହି ରେଞ୍ଜ ତିଖାଲି ସଂରକ୍ଷିତ ଜଙ୍ଗଲ ଅଞ୍ଚଳରେ ଆସି ଦୀର୍ଘ ୬ମାସରୁ ଉର୍ଦ୍ଧ୍ୱ ହେବ ରହିଯାଇଥିବା ୩୫ଟିକିଆ ହାତୀପଲ ବିଭିନ୍ନ ସମୟରେ ପାର୍ଶ୍ୱବର୍ତ୍ତୀ ବହୁ ଗାଁରେ ଉପଦ୍ରବ କରୁଥିବା ବେଳେ ଫସଲ ନଷ୍ଟ କରୁଥିଲେ। ଏହି ହାତୀପଲ ବିଶେଷ କରି ଏହି ରେଞ୍ଜ ବିଭିନ୍ନ ଗ୍ରାମ ସମେତ ଜଙ୍ଗଲ ଅଞ୍ଚଳରେ ଆସି ରହିଯାଇଥିଲେ। ପୂର୍ବରୁ ବଡ ଅଘଟଣରେ ଏହି ୩୫ଟିକିଆ ହାତୀପଲ ଗତ ଫେବୃୟାରୀ ୨୫ତାରିଖ ଦିନ ଘୁଷୁରାମୁଣ୍ଡା ଗ୍ରାମର ପାରାଗାର୍ଡ ଓଙ୍କାରୀ ବାଗଙ୍କୁ କଚାଡି ଦେବାରୁ ତାଙ୍କ ଶୋଚନୀୟ ମୃତ୍ୟୁ ଘଟିଥିଲା। ସେହିପରି ହଳଦୀ ପଞ୍ଚାୟତ ତେନ୍ତୁଳିଖୁଣ୍ଟି ଗ୍ରାମର ଚାଷୀ ସୁଦର୍ଶନ ମାହାକୁରଙ୍କ ୨ଏକର ଡ଼ାଲୁଅ ଧାନ ଫସଲ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ବେଳେ ତାଙ୍କର ସୋଲାର ପମ୍ପକୁ ମଧ୍ୟ ଭାଙ୍ଗିରୁଜି ଦେଇଥିଲେଛ ବନବାହାଲ ଗ୍ରାମ ଟିକେମନିପାଲିର ୩ଜଣ ଚାଷୀ ଧନଞ୍ଜୟ କୁଅଁର, ଲକ୍ଷୀନ୍ଦ୍ର କୁଅଁର ଓ ରଥି କୁଅଁରଙ୍କ ୩ଏକର ଡାଲୁଅ ଧାନ ଫସଲକୁ ସମ୍ପୂର୍ଣ୍ଣ ନଷ୍ଟ କରିଦେଇଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଦୁଇଜଣ ବାଇକ୍ ଆରୋହୀ ମଧ୍ୟ ଏହି ହାତୀପଲଙ୍କ ହାବୁଡ଼ରୁ ଅଳ୍ପକେ ମୃତ୍ୟୁମୁଖରୁ ବର୍ତ୍ତି ଯାଇଥିଲେ। କିଛି ଦିନ ଧରି ଏହି ୩୫ଟିକିଆ ହାତୀପଲ ଅନ୍ୟ ରେଞ୍ଜ ଅଞ୍ଚଳକୁ ଚାଲିଯାଇଥିବାରୁ ସାଧାରଣ ଲୋକେ ଆଶ୍ୱସ୍ତି ଅନୁଭବ କରୁଥିଲେ। କିନ୍ତୁ ଏବେ ପୁଣି ଏହି ୩୫ଟିକିଆ ହାତୀପଲ ସହ ଆହୁରି ୧୨ଟିକିଆ ହାତୀପଲଙ୍କ ରେଞ୍ଜ ଅଞ୍ଚଳକୁ ଅନୁପ୍ରବେଶ କୋକୁଆଭୟ ସୃଷ୍ଟି କରିଛି। ଡଙ୍ଗାବାଞ୍ଜି ଫରେଷ୍ଟର ଘନଶ୍ୟାମ ପଶାୟତ ଓ ଜଏଁତରା ଫରେଷ୍ଟର ଧ୍ରୁବଚରଣ ବଗର୍ତ୍ତି ହାତୀପଲଙ୍କ ଗତିବିଧି ସମ୍ପର୍କରେ ତୀକ୍ଷଣ ନଜର ରଖାଯାଇଛି,ବନୀକରଣ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଥିବା ବେଳେ ବର୍ଷା ପାଇଁ ଡ୍ରୋନ୍ କ୍ୟାମେରା କାମ କରୁନଥିବାରୁ ଅସୁବିଧା ସୃଷ୍ଟି ହେଉଥିବା ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ମୁରିବାହାଲ ରେଞ୍ଜର ଶିବପ୍ରସାଦ ନାୟକଙ୍କୁ ପଚାରିବାରୁ ପୂର୍ବରୁ ଦୀର୍ଘ ୬ମାସ ହେବ ଏହି ରେଞ୍ଜରେ ୩୫ଟିକିଆ ହାତୀପଲଙ୍କ ଉପସ୍ଥିତି ଯୋଗୁଁ ଆମେ ଅସହାୟ ଅବସ୍ଥାରେ ରହିଛୁ। ଏବେ ପୁଣି ସେହି ହାତୀପଲଙ୍କ ସହ ଆହୁରି ୧୨ ଟିକିଆ ହାତୀପଲଙ୍କ ରେଞ୍ଜ ଅଞ୍ଚଳକୁ ଅନୁପ୍ରବେଶ ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହେବାର ଆଶଙ୍କା ରହିଛି,ବିଭାଗ ସମ୍ପୂର୍ଣ୍ଣ ସଜାଗ ଥିବା ବେଳେ ଯେଉଁ ଚାଷୀଙ୍କ ଫସଲ ଆଦି ନଷ୍ଟ ହେଲେ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବ ବୋଲି ସେ ପ୍ରକାଶ କରିଛନ୍ତି । ରାତିରେ ଫସଲ ନଷ୍ଟ କରି ସକାଳୁ ଜଙ୍ଗଲ ଭିତରକୁ ଚାଲିଯାଉଥିବା ବେଳେ ପୁଣି ସନ୍ଧ୍ୟା ହେଲେ ଜଙ୍ଗଲ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକ ପାଖକୁ ପହଞ୍ଚି ଯାଉଥିବାରୁ ଚାଷୀ, ଗ୍ରାମବାସୀ ଭୟ ଓ ଆତଙ୍କରେ ରହୁଥିବା ଗୁରୁତର ଅଭିଯୋଗ କରିଛନ୍ତି। ହାତୀ ପାଇଁ ବିଦ୍ୟୁତ୍ କାଟ ଓ ରାସ୍ତାରେ ଲୋକଙ୍କ ଯିବାଆସିବା ବନ୍ଦ ଯୋଗୁଁ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହେଉଛି। ଚାଷବାସ ଆରମ୍ଭ ସମୟରେ ତୁରନ୍ତ ଏହି ୪୭ଟିକିଆ ବିରାଟ ହାତୀପଲଙ୍କୁ ବାହାର ରେଞ୍ଜ ଅଞ୍ଚଳକୁ ଘଉଡ଼ାଇବା ପାଇଁ ବ୍ଲକ ଅଞ୍ଚଳର ଚାଷୀକୁଳ ଦୃଢ଼ ଦାବୀ କରିଛନ୍ତି। ଏ ସମ୍ପର୍କରେ ଜିଲ୍ଲା ଡିଏଫଓ, ଏସିଏଫ୍, ରାଜ୍ୟ ସରକାରଙ୍କ ଜଙ୍ଗଲ ଓ କୃଷି ବିଭାଗ ପକ୍ଷରୁ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି ।

## କଫ୍ ଶିରଫ ବୋଝେଇ କାରକୁ ପୋଡି ଫେରାର ମାରିଲେ ଦୁର୍ବୃତ୍ତ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା ଘଣ୍ଟାପଡା ଥାନା ଘଣ୍ଟାପଡା – ରେକଡୋଲ ରାସ୍ତାର କୁରୁକୁପା ନିକଟରେ ଶନିବାର ୧୦ ଘଣ୍ଟା ସମୟରେ ଏକ କାର ଅର୍ଦ୍ଧ ଦଗ୍ଧ ଅବସ୍ଥାରେ ପଡିଥିବା ଦେଖିବାକୁ ମିଳିଛି । କାରରେ ବହୁ ପରିମାଣର କଫ୍ ଶିରପ ପରିବହନ ଗତ ବିଳମ୍ବିତ ରାତିରେ କରା ଯାଉଥିବା ବେଳେ କୌଣସି କାରଣରୁ କାରଟି ଅଚଳ ହେବାରୁ ପ୍ରମାଣ ନଷ୍ଟ ପାଇଁ ଦୁର୍ବୃତ୍ତ ମାନେ କାରରେ ନିଆଁ ଲଗାଇ ଫେରାର ମାରିଥିବା ସ୍ଥାନୀୟ ଲୋକେ ସନ୍ଦେହ କରୁଛନ୍ତି । ଏ ସମ୍ପର୍କରେ ଖବର ପାଇ ଘଣ୍ଟାପଡା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ପୋଲିସ ତଦନ୍ତ ପରେ କାରରେ ଥିବା କଫ୍ ଶିରପ କାହାର ଓ କେଉଁ କାରଣରୁ ଅଗ୍ନିକାଣ୍ଡ ଘଟିଛି ତାହା ସ୍ପଷ୍ଟ ହେବ ବୋଲି ଆଶା କରାଯାଉଛି ।

## କାଇଝରଣ ଘାଟିରୁ ଗଳିତ ମୃତ ଦେହ ଠାବ

ଦେବଗଡ,(ସବ୍ୟୁ) : ଦେବଗଡ ଜିଲ୍ଲା ପ୍ରଧାନପାଟ ସଂରକ୍ଷିତ ଜଙ୍ଗଲ କାଇଝରଣ ଘାଟୀରୁ ଗଳିତ ମୃତଦେହ ଉଦ୍ଧାର କରାଯାଇଛି । ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଇଥିବା ଲୋକେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ମୃତ ଦେହଟି ଘାଟୀ ଉପରେ ଏକ ବାଉଁଶ ବୁଦା ମୂଳରେ ପଡିଥିବା ଦେଖିବାକୁ ମିଳିଛି। ଖବର ପାଇ ଦେବଗଡ ଆଦର୍ଶ ଥାନା ପୋଲିସ ଘଟଣାସ୍ଥଳ ରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଅଧିକ ତଦନ୍ତ କରୁଛନ୍ତି। ଏହା ଏକ ପୁରୁଷ ଲୋକର ମୃତଦେହ ହୋଇଥିବା ସନ୍ଦେହ କରାଯାଉଥିବା ବେଳେ କେଉଁ ପରିସ୍ଥିତିରେ ମୃତ୍ୟୁ ହୋଇଛି ତଦନ୍ତ ପରେ ସ୍ପଷ୍ଟ ହେବ।

## ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଜିଲ୍ଲାପାଳଙ୍କ ସମୀକ୍ଷା

ଦେବଗଡ଼,(ସବ୍ୟୁ): ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକର ସମୀକ୍ଷା ବୈଠକ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର କୁମାର ମିଞ୍ଜଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାପାଳ ଶ୍ରୀ ସାହୁ ଜିଲ୍ଲାର ଅଧିକାରୀ ଓ ବିଡ଼ିଓଙ୍କ ସହ ଲୋକ ମାନଙ୍କର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଗୁଡିକ ଅନୁସନ୍ଧାନ କରିବା ସହ ପଞ୍ଚାୟତ ସହ ସମସ୍ତ ଗ୍ରାମ ଗୁଡିକର ବିଭିନ୍ନ ସମସ୍ୟା ଗୁଡିକ କିପରି ସମାଧାନ ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ । ବିଶେଷ କରି ଗ୍ରାମୀଣ ଆବାସ, ସ୍ୱଚ୍ଛତା ପରିମଳ, ବିକଶିତ ଗାଁ ବିକଶିତ ଓଡିଶା, ମନରେଗା ଉପରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ । ବୈଠକରେ ତିଲେଇବଣୀ ବିଡ଼ିଓ ପ୍ରିୟଦର୍ଶିନୀ ମିର୍ଦ୍ଧା, ରିଆମାଳ ବିଡ଼ିଓ ଆଦିତ୍ୟ ପଣ୍ଡା, ବାରକୋଟ ବିଡ଼ିଓ ସିଦ୍ଧେଶ୍ୱର ନାଏକ, ଡିଆରଡିଏ ପ୍ରୋଗ୍ରାମ ମ୍ୟାନେଜର ଆଶିଷ ରଞ୍ଜନ ବାରିକ ଓ ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଦେବଗଡ ରଥଯାତ୍ରାର ନିଆରା ପରମ୍ପରା

ଦେବଗଡ,(ସବ୍ୟୁ): ଶୁକ୍ରବାର ସାରା ରାଜ୍ୟରେ ପବିତ୍ର ରଥଯାତ୍ରା ଧୂମଧାମରେ ପାଳିତ ହୋଇଛି। ପୁରୁଣା ଗଡଜାତ ରାଜ୍ୟ ବାମଣ୍ଡା ର ରାଜଧାନୀ ତଥା ଆଜିର ଦେବଗଡ ଜିଲ୍ଲାର ସଦର ମହକୁମା ଠାରେ ମଧ୍ୟ ରଥଯାତ୍ରା ଧୂମଧାମରେ ପାଳିତ ହୋଇଛି। ପୁରୁଣା ପ୍ରଥା ଓ ପରମ୍ପରା ମୁତାବକ ଦେବଗଡ ରେ ରଥଯାତ୍ରା ପାଳିତ ହୋଇଛି। ପରମ୍ପରା ଅନୁଯାଇ ରଥଯାତ୍ରାର ପ୍ରଥମ ଦିନରେ ଚତୁର୍ଦ୍ଧା ମୂର୍ତ୍ତିଙ୍କର ପହଣ୍ଡି ବିଜେ କରାଯାଇ ରଥାରଢ କରାଯାଇଥିଲା। ରାଜ ପରିବାର ସଦସ୍ୟ ନମନ ଗଙ୍ଗଦେବ ଛେରାପହଁରା କରିଥିଲେ । ପରମ୍ପରା ଅନୁଯାଇ ଦେବଗଡରେ ପରବର୍ତ୍ତୀ ଦୁଇ ଦିନ ରଥଟଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ରଥ ମାଉସୀ ମନ୍ଦିର ନିକଟରେ ପହଞ୍ଚିଥାଏ। ପରବର୍ତ୍ତୀ ଦିନ ଚତୁର୍ଦ୍ଧାମୂର୍ତ୍ତିଙ୍କର ପହଣ୍ଡି ବିଜେ କରାଯାଇ ମାଉସୀ ମନ୍ଦିର ଜନ୍ମ ବେଦୀକୁ ନିଆଯାଇଥାଏ। ପୁରାତନ ବାମଣ୍ଡା ଗଡଜାତର ଆକାର ବହୁତ ବଡ ରହିଥିଲା। ନିଜ ରାଜ୍ୟର ସମସ୍ତ ଅଧିବାସୀ ରଥଯାତ୍ରାକୁ ଆସି ଦର୍ଶନ କରିବା ପାଇଁ ତତ୍କାଳୀନ ରାଜା ଏଭଳି ଚାରିଦିନିଆ ରଥଯାତ୍ରାର ପରିକଳ୍ପନା କରି କାର୍ଯ୍ୟକାରୀ କରିଥିଲେ। ବାହୁଡା ଯାତ୍ରାରେ ମଧ୍ୟ ଏହିଭଳି ଚାରିଦିନିଆ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଥାଏ। ପ୍ରଥମ ଦିନରେ ଜଗନ୍ନାଥ ମନ୍ଦିର ଓ ବଡଦାଣ୍ଡରେ ହଜାର ହଜାର ସଂଖ୍ୟକ ଭକ୍ତ ଉପସ୍ଥିତ ରହି ଚତୁର୍ଦ୍ଧାମୂର୍ତ୍ତିଙ୍କର ଦର୍ଶନ କରିଥିଲେ।

## ଶରଣକୋଟ ଗ୍ରାମରେ ମହିଳାଙ୍କୁ ନିର୍ମମ ହତ୍ୟା



ଦେବଗଡ,(ସବ୍ୟୁ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ଶରଣକୋଟ ଗ୍ରାମ ରେ ହତ୍ୟାକାଣ୍ଡ । ଶୋଇଥିବା ଅବସ୍ଥାରେ ମହିଳାଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଛି । ମୃତ ମହିଳା ହେଲେ ସେହି ଗ୍ରାମର ଲୋକନାଥ ନାଏକଙ୍କ ସ୍ତ୍ରୀ ଦୁଃଖୀ ନାଏକ(୫୦) । ମୃତ ଦୁଃଖୀ ଶୁକ୍ରବାର ରାତିରେ ପରିବାର ସହ ଶୋଇଥିଲେ। ସକାଳୁ ତାଙ୍କ ରକ୍ତାକ୍ତ ମୃତଦେହ ଶୋଇବା ସ୍ଥାନରେ ପଡିରହିଥିବା ଦେଖିବାକୁ ମିଳିଥିଲା। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିବା ସହ ରକ୍ତ ବୋହିଥିବା ଦେଖିବାକୁ ମିଳିଥିଲା। ଏନେଇ ମୃତ ମହିଳାଙ୍କ ଭାଇ ବାରକୋଟ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସାଇଣ୍ଟିଫିକ ଟିମ ଘଟଣାସ୍ଥଳ ପରିଦର୍ଶନ କରି ରକ୍ତ ନମୁନା ଓ ଅନ୍ୟାନ୍ୟ ଜିନିଷ ସଂଗ୍ରହ କରିଛନ୍ତି। ବାରକୋଟ ପୋଲିସ ପକ୍ଷରୁ ମୃତ ମହିଳାଙ୍କ ସ୍ୱାମୀ ଓ ଝିଅକୁ ଅଟକ ରଖି ପଚରାଉଚରା କରାଯାଉଛି।

## ଚିକିତ୍ସା ପାଇଁ ଟଙ୍କା ଲାଞ୍ଚ ନେବା ମାମଲା
# ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲଦଣ୍ଡ

ସୁନ୍ଦରଗଡ଼,(ସବ୍ୟୁ): ଚିକିତ୍ସା ପାଇଁ ଟଙ୍କା ଲାଞ୍ଚ ନେବା ମାମଲାରେ ସୁନ୍ଦରଗଡ଼ ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତ (ଭିଜିଲାନ୍ସ କୋର୍ଟ) ଜଣେ ଫାର୍ମାସିଷ୍ଟଙ୍କୁ ୨ ବର୍ଷ ଜେଲଦଣ୍ଡ ଶୁଣାଇବା ସହିତ ଦୋଷୀଙ୍କୁ ୧୦ ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୪ ମାସ କାରବାସ ବୃଦ୍ଧି ହେବ ବୋଲି ଅଦାଲତ ତାଙ୍କ ରାୟରେ ପ୍ରକାଶ କରିଛନ୍ତି। ସ୍ପେଶାଲ ଜଜ୍ ଏହି ମାମଲାର ଶୁଣାଣି କରି ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ପୂର୍ବତନ ଫାର୍ମାସିଷ୍ଟ ତଥା ହାତୀବାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧୀନ ଖଇରତୋଲା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ସନତ କୁମାର ମହାନ୍ତିଙ୍କ ପାଇଁ ଏହି ଦଣ୍ଡ ଶୁଣାଇଛନ୍ତି।

ମାମଲାରୁ ଜଣାଯାଏ ଯେ, ୨୦୧୩ ସେପ୍ଟେମ୍ବର ମାସରେ ସୁନ୍ଦରଗଡ଼ ଜିଲ୍ଲା ଗୁରୁଣ୍ଡିଆ ଥାନା ଅଧୀନ ବଡ଼ଗାଁର ସ୍ୱର୍ଗତ ମିର୍ଦ୍ଧା ଓରାମଙ୍କ ସ୍ତ୍ରୀ ଜିଦ୍ଧୀ ଓରାମ ଅସୁସ୍ଥ ଥିଲେ। ମା'ଙ୍କ ଚିକିତ୍ସା ପାଇଁ ପୁଅ ଜଉରା ଓରାମ ସେହି ସମୟରେ ଗୁରୁଣ୍ଡିଆସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ମା'ଙ୍କୁ ଭଲ ଔଷଧ ଦେବା ପାଇଁ ଫାର୍ମାସିଷ୍ଟ ସନତ କୁମାର ମହାନ୍ତିଙ୍କୁ ନିବେଦନ କରିଥିଲେ। ଜବାବରେ ଶ୍ରୀ ମହାନ୍ତି ୧୨୦୦ ଟଙ୍କା ଲାଞ୍ଚ ମାଗିଥିଲେ।

ଅଭିଯୋଗକାରୀ ଏନେଇ ଭିଜିଲାନ୍ସ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ। ଏହା ପରେ ଫାର୍ମାସିଷ୍ଟଙ୍କୁ ପାନେ ଦେବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଶ୍ରୀ ମହାନ୍ତି ୨୦୧୩ ସେପ୍ଟମ୍ବର ୧୬ ତାରିଖରେ ଜଉରା ଓରାମଙ୍କଠାରୁ ତାଙ୍କ ଅସୁସ୍ଥ ମା' ଜିଦ୍ଧି ଓରାମଙ୍କୁ ଭଲ ଔଷଧ ଯୋଗାଇଦେବା ପାଇଁ ୧୨ ଶହ ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ତତ୍କାଳୀନ ସୁନ୍ଦରଗଡ଼ ଦୁର୍ନୀତି ନିବାରଣ ବିଭାଗ ଡ଼ିଏସପି ପରମେଶ୍ୱର କିସାନଙ୍କ ନେତୃତ୍ୱରେ ମାମଲାର ତଦନ୍ତ ହୋଇଥିଲା। ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଜନଅଭିଯୋଜକ (ଏସପିପି) ଶ୍ୟାମସୁନ୍ଦର ମିଶ୍ର ମାମଲାର ପରିଚାଳନା କରିଥିଲେ।

## ଗୋଲାମୁଣ୍ଡାରେ ରଥଯାତ୍ରା ପାଳିତ

ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ସଦର ମହକୁମାରେ ପବିତ୍ର ରଥଯାତ୍ରା ପାଳିତ ହୋଇଯାଇଛି। ଏହି ରଥ ଯାତ୍ରାରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ଠାରୁ ତିନୋଟି ରଥ ବଳରାମ ସୁଭଦ୍ରା ଓ ଜଗନ୍ନାଥଙ୍କୁ ଟାଣି ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ନିକଟରେ ଥିବା ମାଉସୀ ମନ୍ଦିର ଠାରେ ପହଞ୍ଚି ତିନି ମହାପ୍ରଭୁଙ୍କୁ ରଖାଯାଇଥିଲା। ଏହି ରଥ ଯାତ୍ରା ରେ ଦର୍ଶକ ମାନଙ୍କ ମନୋରଞ୍ଜନ ପାଇଁ ବିଭିନ୍ନ ପ୍ରକାରର ବାଜା ଘୁମୁରା ମାଦଳ କୀର୍ତ୍ତନର ଆୟୋଜନ କରାଯାଇଥିଲା। ଏଥିରେ ହଜାର ହଜାର ସଂଖ୍ୟାରେ ଦର୍ଶକ ମାନଙ୍କ ସମାବେଶ ଦେଖିବାକୁ ମିଳିଥିଲା । ଏହାର ଶାନ୍ତି ଶୃଙ୍ଖଳା ପାଇଁ ତହସିଲଦାର ଚନ୍ଦନ ନାୟକ ପୋଲିସ ଓ ଗ୍ରାମବାସୀ ସହଯୋଗ କରିଥିଲେ ।

## ଗଛରେ ପିଟି ହୋଇ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ରାୟଗଡ଼ା,(ସବ୍ୟୁ) : ରାୟଗଡା ଜିଲ୍ଲା ବିଷମକଟକ ବ୍ଲକ ଅନ୍ତର୍ଗତ ପାଇକଡାକୁଲୁଗୁଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଦୁର୍ଘଟଣାରେ ଦୁଇଜଣ ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି । ମୃତ ବ୍ୟକ୍ତିମାନେ ହେଲେ ମନୋଜ ସାରକା(୩୦) ଏବଂ ଗାହିଁ ହୁଇକା(୨୮)। ବିଷମ କଟକ ବ୍ଲକ ଅନ୍ତର୍ଗତ ଡୁମୁରିନେଲି ଗ୍ରାମର ତିନିଜଣ ଯୁବକ ଏକ ମରଟ ସାଇକଲରେ ମୁନିଗୁଡାରୁ ନିଜ ଗାଁ ଡୁମୁରିନେଲିକୁ ଫେରୁଥିବାବେଳେ ପାଇକଡାକୁଲୁଗୁଡା ଗ୍ରାମ ନିକଟରେ କଟକରେ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଏକ ଗଛକୁ ଧକ୍କା ଦେଇଦେଇଥିଲେ।

ଦୁର୍ଘଟଣାରେ ତିନି ଜଣ ଗୁରୁତର ଆହତ ହୋଇଥିବା ବେଳେ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଁଞ୍ଚି ଆହତଙ୍କୁ ଉଦ୍ଧାର କରିଥିଲେ। ହେଲେ ଘଟଣାସ୍ଥଳରେ ଜଣକର ମୃତ୍ୟୁ ହୋଇଯାଇଥିଲା। ଅନ୍ୟ ଆହତମାନଙ୍କୁ ଆମ୍ବୁଲାନସ୍ ଯୋଗେ ମୁନିଗୁଡା ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାନରେ ଆଉ ଜଣକର ମଧ୍ୟ ମୃତ୍ୟୁ ଘଟିଛି। ଆହତ ହାଡ଼ି ପିଡିକାକା ମୁନିଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଥିବା ଜଣାପଡିଛି। ଖବର ପାଇ ମୁନିଗୁଡା ପୁଲିସ୍ ଘଟାଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ବାଇକ୍ ଜବତ କରିବା ସହ ମେଡିକାଲରେ ଦୁଇ ମୃତଦେହ ଜବତ କରି ବ୍ୟବଛେଦ କରି ପରିବାର ଲୋକଙ୍କୁ ହସନ୍ତାର କରିଯାଇଥିବା ମୁନିଗୁଡା ଥାନା ଅଧିକାରୀ ସୌଦାମିନି ବେହେରା ସୂଚନା ଦେଇଛନ୍ତି।

## ସାହାଣୀ କପ୍ ପାଇଁ ଖେଳାଳି ଚୟନ ଶିବିର

ଦେବଗଡ଼,(ସବ୍ୟୁ): ଜିଲ୍ଲା କ୍ରୀଡା ସଂସଦ ଦେବଗଡ ପକ୍ଷରୁ ଜିଲ୍ଲାସ୍ତରୀୟ ଫୁଟବଲ ଖେଳାଳି ଚୟନ ଶିବିର ଆରମ୍ଭ ହୋଇଯାଇଛି। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ପକ୍ଷରୁ ଆସନ୍ତା ଜୁଲାଇ ୧୫ ତାରିଖ ଠାରୁ ମର୍ଯ୍ୟାଦା ଜନକ ସାହାଣୀ କପ ଓଡିଶାର ଚାରୋଟି ଜିଲ୍ଲାରେ ଅନୁଷ୍ଠିତ ହେବାକୁ ଯାଉଛି । ଏହି କ୍ରମରେ ଦେବଗଡ ଜିଲ୍ଲା ଦଳ ଗଠନ ନିମନ୍ତେ ଆଜି ଏକ ଦିନିକିଆ ଫୁଟବଲ ଖେଳାଳି ଚୟନ ଶିବିର ଫୁଟବଲ ସମ୍ପାଦକ ପ୍ରଦୀପ କୁମାର ବେହେରା ଓ କ୍ରୀଡା ସଂସଦର କୋଷାଧକ୍ଷ ପ୍ରଭାତ କୁମାର ପ୍ରଧାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି । ଏହି ଚୟନ ପ୍ରକ୍ରିୟାରେ ଜିଲ୍ଲାର ତିନୋଟି ବ୍ଲକ ଓ ବିଭିନ୍ନ ଅନୁବନ୍ଧିତ କ୍ଲବରୁ ୪୫ ଜଣ ଫୁଟବଲ ଖେଳାଳି ଭାଗ ନେଇଥିଲେ । ଚୟନ ପ୍ରକ୍ରିୟାରେ ଯେଉଁ ଖେଳାଳି ଉପଯୁକ୍ତ ବିବେଚିତ ହେବେ ସେମାନେ ଆସନ୍ତା ଜୁଲାଇ ୧୫ ଠାରୁ ଆରମ୍ଭ ହେବାକୁ ଥିବା ସାହାଣୀ କପରେ ଦେବଗଡ ଜିଲ୍ଲା ପାଇଁ ପ୍ରତିନିଧି କରିବେ ।ଏହି ଚୟନ ପ୍ରକ୍ରିୟାରେ ସହ ସମ୍ପାଦକ ପ୍ରଦିପ କୁମାର ଅମାନ୍ତ, କିଶୋର ବେହେରା, କିଶୋର ରାଏ, ଅଞ୍ଜନ ପ୍ରଧାନ, କବାଡି ସମ୍ପାଦକ ସୁବାଷ ଭୋଇ, ସହ ସମ୍ପାଦିକା ରଂଜିତା ମିଶ୍ର, ମୁକୁନ୍ଦ ବେହେରା ପ୍ରମୁଖଙ୍କ ପ୍ରତ୍ୟକ୍ଷ ସହଯୋଗରେ ଚୟନ ପ୍ରକ୍ରିୟାକୁ ସମ୍ପାଦନ କରିଥିଲେ । ଚୟନ ଶିବିରରେ ଚୟନ କର୍ତ୍ତା ଭାବରେ ପୂର୍ବତନ ଫୁଟବଲ ଖେଳାଳୀ ସୁଧୀର କୁମାର ଦାସ ଓ ଶଙ୍କରଲାଲ୍ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ ।

## କାର ସହ ୩୭ଗ୍ରାମ ବ୍ରାଉନସୁଗର ଜବତ, ୪ ଗିରଫ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅବକାରୀ ବିଭାଗ ଧନୁପାଲି ପୋଲିସ ସହାୟତାରେ କାର ସହ ୩୭ଗ୍ରାମ ବ୍ରାଉନ ସୁଗର ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରି ୪ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଏକ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ପୋଲିସ ସହରର ଜେଲ ଛକରେ କାର ଗାଡି ନମ୍ବର (ଓଡ଼ି୧୭-୦୪୪୪) କୁ ଅଟକାଇ ଯାଞ୍ଚ କରିଥିଲା। ଯାଞ୍ଚ ବେଳେ ଗାଡିରୁ ଉପରୋକ୍ତ ବ୍ରାଉନ ସୁଗର ମିଳିଥିଲା । ଏହି ମାମଲାରେ ବରଗଡ଼ ଜିଲ୍ଲା କଟକିଆ ପଡ଼ାର ଚିତ୍ତରଞ୍ଜନ ମଲ୍ଲିକ(୩୫), ଗୋବିନ୍ଦପାଲିର ସୁଶାନ୍ତ ବାରିକ (୨୪) ଓ ହେମନ୍ତ ଦେବତା (୫୧) ଏବଂ ବ୍ରହ୍ମ ବିହାରର ଗିରିଜା ଶଙ୍କର ତ୍ରିପାଠୀ(୪୪)ଙ୍କୁ ଗିରଫ କରାଯାଇଛି । ତେବେ ଏମାନେ କେଉଁ ଠାରୁ ଓ କାହା ନିକଟରୁ ଏହି ନିଶା ସାମଗ୍ରୀ କିଣିଥିଲେ ତାହାର ତଦନ୍ତ କରାଯାଉଛି ।

## ମା' ପାଇଁ ଗଛଟିଏ ଅଭିଯାନରେ ୧୦ ହଜାର ଚାରାରୋପଣ



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ପୋଡାପାଲି ଠାରେ ମା ପାଇଁ ଗଛ ଟିଏ ଅଭିଯାନ ଅନ୍ତର୍ଗତ ଏକ ଚାରାରୋପଣ ହୋଇଯାଇଛି । କାର୍ଯ୍ୟକ୍ରମରେ ମୋଟ ୧୦ହଜାର ଚାରାରୋପଣ କରାଯାଇଥିଲା। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଓଡ଼ିଶାର ରାଜ୍ୟ ଉଚ୍ଚ ଶିକ୍ଷା, କ୍ରୀଡ଼ା, ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଝାରସୁଗୁଡ଼ା ବିଧାୟକ ଟଙ୍କାଧର ତ୍ରିପାଠୀ, ପୋଲିସ ଆଇ.ଜି ହିମାଂଶୁ ଲାଲ , ସମ୍ବଲପୁର ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର , ଏସପି ମୁକେଶ ଭାମୁ, ସମ୍ବଲପୁର ମହାନଗର ନିଗମ ଆୟୁକ୍ତ ବେଦଭୂଷଣ ପ୍ରମୁଖ ଉପସ୍ଥିତ ରହି ଚାରାରୋପଣ କରିଥିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଶ୍ରୀ ପ୍ରଧାନ ଏହି ଅବସରରେ କହିଥିଲେ ଯେ, ଏହି ଅଭିଯାନ ଦୀପାବଳି ପର୍ଯ୍ୟନ୍ତ ଚାଲିବ । ସମ୍ବଲପୁର ଜିଲ୍ଲାରେ ୧ ଲକ୍ଷ ଚାରାରୋପଣ କରାଯିବ। ନୂଆଖାଇ, ସମଲେଶ୍ୱରୀ ମନ୍ଦିର, ମହାନଦୀ ଓ ଶୀତଳଷଷ୍ଠୀ ପାଇଁ ପରିଚିତ ସମ୍ବଲପୁର, ବୃକ୍ଷରୋପଣ ଓ ପରିବେଶ ସୁରକ୍ଷାରେ ମଧ୍ୟ ଦେଶରେ ଚର୍ଚ୍ଚିତ ହେବା ଉଚିତଛ ସିଙ୍ଗଲ ୟୁଜ ପ୍ଲାଷ୍ଟିକ ବ୍ୟବହାରକୁ ବନ୍ଦ କରିବା ପାଇଁ ମଧ୍ୟ ଆହ୍ୱାନ ଦେଇଥିଲେ ।

ଉଚ୍ଚ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ କହିଥିଲେ ଯେ, ଭାରତୀୟ ସଂସ୍କୃତିରେ ମାଆଙ୍କୁ ଯେପରି ସମ୍ମାନ ଦିଆଯାଏ ସେହିପରି ପ୍ରକୃତି ମାତାଙ୍କୁ ମଧ୍ୟ ସମ୍ମାନ ଦେବା । ବିକଶିତ ଓଡିଶାର ସ୍ୱପ୍ନ ତେବେ ହିଁ ସାକାର ହେବ ଯେବେ ଆମେ ପ୍ରକୃତିକୁ ଉପଯୁକ୍ତ ସୁରକ୍ଷା ଦେବୁ । ଏହି ଅବସରରେ ପରିବେଶ ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରକୃତି ବନ୍ଧୁ ଜେମା ମେହେର ଓ ପଙ୍କଜିନୀ ନାଏକଙ୍କୁ ସମ୍ମାନିତ କରାଯାଇଥିଲା।

## ପ୍ରେମ ବିବାହକୁ ନେଇ ସାମାଜିକ ବାସନ୍ଦ ମାମଲାରେ
# ଏନ୍‌ଏଚ୍‌ଆରସିର କାର୍ଯ୍ୟାନୁଷ୍ଠାନ

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାରେ ଅନୁସୂଚୀତ ଜାତି ବର୍ଗର ଜଣେ ଦିବ୍ୟାଙ୍ଗ ଯୁବକଙ୍କୁ ବିବାହ କରିଥିବା ଅନୁସୂଚୀତ ଜନଜାତି ବର୍ଗର ଜଣେ ମହିଳାଙ୍କ ପରିବାରକୁ ଗ୍ରାମବାସୀମାନେ ସାମାଜିକ ବାସନ୍ଦ କରିବା ସମ୍ପର୍କିତ ଗଣମାଧ୍ୟମ ରିପୋର୍ଟ ଉପରେ ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ସ୍ୱତଃ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି। ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ରାଜ୍ୟ ମୁଖ୍ୟ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)। ରିପୋର୍ଟ ଅନୁସାରେ ଯଦି ମହିଳାଙ୍କ ପରିବାର ପୁଣି ସମାଜକୁ ଫେରିବାକୁ ଚାହାଁନ୍ତି, ତେବେ ସେମାନଙ୍କୁ ଏକ ଶୁଦ୍ଧୀକରଣ ଅନୁଷ୍ଠାନ କରିବାକୁ ହେବ ଗ୍ରାମବାସୀମାନେ ଦାବି କରିଥିଲେ। ଯଦି ସେମାନେ ଏହି ପରମ୍ପରା ପାଳନ ନ କରନ୍ତି, ତେବେ ସେମାନଙ୍କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବାସନ୍ଦ କରିବାକୁ ଗ୍ରାମବାସୀ ଧମକ ଦେଇଥିଲେ। କମିଶନ ଅନୁଧ୍ୟାନ କରିଛନ୍ତି ଯେ ଯଦି ଗଣମାଧ୍ୟମ ରିପୋର୍ଟର ବିଷୟବସ୍ତୁ, ଯଦି ସତ୍ୟ ହୋଇଥାଏ, ତେବେ ପୀଡିତାଙ୍କ ମାନବାଧିକାର ଉଲ୍ଲଂଘନର ଏକ ଗମ୍ଭୀର ମାମଲା ସୃଷ୍ଟି ହେଉଛି। ତେଣୁ କମିସନ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ ଏକ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ମାଗିଛନ୍ତି। ୨୧ ଜୁନ ୨୦୨୫ରେ ପ୍ରକାଶିତ ଏହି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ,ମହିଳାଙ୍କ ପରିବାର ସଦସ୍ୟମାନେ ଗ୍ରାମବାସୀଙ୍କ ନିର୍ଦ୍ଦେଶ ଆଗରେ ନତମସ୍ତକ ହୋଇଥିଲେ ଓ ଶୁଦ୍ଧୀକରଣ ପରମ୍ପରା ଅନୁସାରେ ପରିବାରର ୪୦ ଜଣ ସଦସ୍ୟଙ୍କ ମୁଣ୍ଡ ଲଣ୍ଡା କରାଯାଇଥିଲା। ଘଟଣାଟି ହେଲା କାଶୀପୁର ବ୍ଲକର ଗୋରଖପୁର ପଞ୍ଚାୟତ ଅନ୍ତର୍ଗତ ବାଇଗଣଗୁଡ଼ା ଗ୍ରାମର ଘଟିଛି ଏହିଭଳି ଅଭାବନୀୟ ଘଟଣା। ଘଟଣାରୁ ପ୍ରକାଶ ଯେ, ବାଇଗଣଗୁଡ଼ା ଗ୍ରାମର ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଝିଅ ଜଣେ ଅନୁସୂଚିତ ଜାତି ବର୍ଗର ପୁଅକୁ ଭଲ ପାଉଥିଲେଛ ପରବର୍ତ୍ତୀ ସମୟରେ ପରିବାରବର୍ଗଙ୍କ ଅନିଚ୍ଛା ସତ୍ତ୍ୱେ ଉକ୍ତ ଯୁବକଙ୍କ ସହିତ ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଯାହାକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଥିଲେଛ ଜାତିରେ ରହିବାକୁ ହେଲେ ପରିବାରବର୍ଗଙ୍କୁ ତାଙ୍କ ପରମ୍ପରା ଅନୁଯାୟୀ ଛେଳି, କୁକୁଡ଼ା, ଘୁଷୁରି ଆଦି ବଳି ଦେବା ସହିତ ମୁଣ୍ଡନ କରିବାକୁ କହିଥିଲେ ଗ୍ରାମବାସୀ। ଏହି କାର୍ଯ୍ୟ କରିବା ପାଇଁ ପରିବାରବର୍ଗଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥିଲା। ଏନେଇ ବିଭିନ୍ନ ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା।

